# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 March - 2025

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତାକାଲି ଶୁଭାରମ୍ଭ ହେବ ଆୟୁଷ୍ମାନ ଭାରତ–ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା

- ରାଜ୍ୟ ସରକାର ଉତ୍କଳ ଦିବସ ଉପଲକ୍ଷେ ଆସନ୍ତାକାଲିଠାରୁ ପାଳନ କରିବେ ଦୁଇ ସପ୍ତାହ ଧରି ଓଡ଼ିଆ ପକ୍ଷ

- ରାଜ୍ୟ ସରକାର ଅବକାରୀ ନୀତିର ସମୟସୀମାକୁ ଏପ୍ରିଲ ମାସ ପର୍ଯ୍ୟନ୍ତ କଲେ ବୃଦ୍ଧି

- ଚୈତ୍ର ଶୁକ୍ଳ ଦ୍ୱିତୀୟା ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଖସାପଡ଼ା ନୀତି ପାଇଁ ପ୍ରସ୍ତୁତି ଆରମ୍ଭ

ଏବଂ

- ମୁସଲମାନ ସମ୍ପ୍ରଦାୟର ପକ୍ଷରୁ ପାଳନ କରାଯାଉଛି ଇଦ୍‌-ଉଲ୍‌-ଫିତର ପର୍ବ

# ଆୟୁଷ୍ମାନ ଭାରତ ଯୋଜନା ଲାଗୁ

ରାଜ୍ୟରେ ଆସନ୍ତାକାଲି ଆୟୁଷ୍ମାନ ଭାରତ– ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ ହେବ। ଏଥିସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ଶୁଭାରମ୍ଭ ହେବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆୟୁଷ୍ମାନ ଭାରତ– ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ। ଯାହାକି ରାଜ୍ୟର ୩ କୋଟି ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଦୁଇ ସ୍ୱାସ୍ଥ୍ୟ ଯୋଜନାରୁ ଲାଭ ପାଇବେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ। ଯୋଜନାର ହିତାଧିକାରୀମାନଙ୍କୁ ଗୋଟିଏ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯିବ। ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ବୟସରୁ ଅଧିକ ବୟସର ପ୍ରାୟ ୨୩ ଲକ୍ଷ ୧୩ ହଜାର ହିତାଧିକାରୀମାନେ ଅଲଗା ଭାବେ ଏକ ସ୍ୱତନ୍ତ୍ର କାର୍ଡ ପାଇବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବ। ଅନ୍ୟପକ୍ଷରେ ମହିଳା ହିତାଧିକାରୀମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବ। ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ,

ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାର ବହନ କରିବେ। ଏହି ଦୁଇ ଯୋଜନାର ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଡାକ୍ତରଖାନା ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

***Desk***

## ଓଡ଼ିଆ ପକ୍ଷ

ଆସନ୍ତାକାଲି ଏପ୍ରିଲ୍ ୧ ତାରିଖ ଉତ୍କଳ ଦିବସରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବା ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଥିରେ ବ୍ଲକ୍ ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହିତ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଆସନ୍ତାକାଲି ରାଜ୍ୟ, ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ ହୋଇଥିବା ଅବସରରେ ଓଡ଼ିଶା ଦିବସ ପାଳନ କରାଯିବ । ଏପ୍ରିଲ୍ ୨ରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ, ୩ତାରିଖରେ ଆମ ପୋଷାକ ଆମ ପରିଚୟ, ୪ ତାରିଖରେ ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ, ୫ ତାରିଖରେ ମାରାଥନ ଆୟୋଜନ କରାଯିବ ।

ସେହିପରି ଏପ୍ରିଲ୍ ୬ ତାରିଖରେ ମନ୍ଦିର ଓ ଐତିହ୍ୟସ୍ଥଳୀରେ ସ୍ୱଚ୍ଛତା ଅଭିଯାନ, ୭ରେ ବର୍ଣ୍ଣବୋଧ ଉତ୍ସବ, ୮ ତାରିଖରେ ରକ୍ତଦାନ ଶିବିର, ୯ରେ ଆସ ବହିକିଣିବା, ୧୦ ତାରିଖରେ ଲୋକକଳା ଦିବସ, ୧୧ରେ ଯୁବ ଲେଖକ ସମ୍ମିଳନୀ, ୧୨ରେ ସାହିତ୍ୟ ଆଲୋଚନାଚକ୍ର, ୧୩ରେ ଆମ ରୁଚି ଆମ ଖାଦ୍ୟ ଏବଂ ଏପ୍ରିଲ୍ ୧୪ ତାରିଖରେ ଓଡ଼ିଆ ନବବର୍ଷ ପାଳନ କରାଯିବ ।

***HS***

## ଅବକାରୀ ନୀତି

ରାଜ୍ୟ ସରକାର ଅବକାରୀ ନୀତିର ସମୟସୀମାକୁ ଏପ୍ରିଲ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ନୂଆ ଅବକାରୀ ନୀତି ଘୋଷଣା ହେବା ପର୍ଯ୍ୟନ୍ତ ପୁରୁଣା ଅବକାରୀ ନୀତି ଚାଲୁ ରହିବ। ବର୍ତ୍ତମାନ ନୂଆ ଅବକାରୀ ନୀତି ରୂପରେଖ ପ୍ରସ୍ତୁତି ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ନୂଆ ନୀତି କାର୍ଯ୍ୟକ୍ଷମ ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

**- V/O –**

*Puri*

## ଖସାପଡ଼ା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଚୈତ୍ର ଶୁକ୍ଳ ଦ୍ୱିତୀୟ ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡା ଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣରୁ ୫ ଘଣ୍ଟା ପର୍ଯ୍ୟନ୍ତ ଏହି ଗୁପ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଦଇତା ସେବାୟତମାନେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ଆସନ୍ତା ବୁଧବାର ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଆଜିଠାରୁ ଗୁରୁବାର ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

*Sonepur*

## ବାସନ୍ତୀ ଦୁର୍ଗା ପୂଜା

ବାସନ୍ତୀକ ଚୈତ୍ର ପର୍ବର ଶାକ୍ତପୂଜା ଓ ଦେବୀ ଉପାସନାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା ଉତ୍ସବମୁଖର ହୋଇଉଠିଛି। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀ, କୋଷଳେଶ୍ୱରୀ, ରାମଚଣ୍ଡୀ ଏବଂ ମା' ମେଟାକାନୀଙ୍କ ସମେତ ବିଭିନ୍ନ ମନ୍ଦିର ଗୁଡ଼ିକରେ ନବରାତ୍ର ପୂଜା ଚାଲିଛି।

*Nuapada*

## ପଞ୍ଚାୟତିରାଜ ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସରକାରୀ ଯୋଜନାକୁ ଲୋକାଭିମୁଖୀ କରିବା ସହ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ମଧୁସୂଦନ ଦାସ, ପୋଲିସ ଆରକ୍ଷୀ ଅଧୀକ୍ଷକ ଜି.ଆର୍.ରାଘବେନ୍ଦ୍ର ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।

*BHK/Boudh*

## ତୃତୀୟଲିଙ୍ଗୀ ଦିବସ

ବୌଦ୍ଧ ଜିଲ୍ଲା ଟାଉନ୍‌ହଲଠାରେ ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ତୃତୀୟଲିଙ୍ଗୀ ଦିବସ ପାଳିତ ହୋଇଯାଇଛି । ତୃତୀୟଲିଙ୍ଗୀମାନଙ୍କୁ ସମାଜରେ ସମାନ ଅଧିକାର ଦେବା, ସମ୍ମାନ ଦେବା, ସେମାନେ ସମ୍ମୁଖୀନ ହେଉଥିବା ଭେଦଭାବ ବିଷୟରେ ସଚେତନ ସୃଷ୍ଟି କରିବା ଏବଂ ସମାଜରେ ସେମାନଙ୍କ ଅବଦାନକୁ ସ୍ୱୀକାର କରିବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ ।

ଭଦ୍ରକ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନଠାରେ ଆୟୋଜିତ ଆନ୍ତର୍ଜାତୀୟ ତୃତୀୟଲିଙ୍ଗୀ ଦିବସ ପାଳନ ଅବସରରେ ତୃତୀୟ ଲିଙ୍ଗ ପାଇଁ

ଅଭିନବ ଯୋଜନା, ଆଇନ ସହାୟତା ବ୍ୟବସ୍ଥା, ମଧୁବାବୁ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, ବସୁନ୍ଧରା ଯୋଜନା, ସ୍ୱାସ୍ଥ୍ୟ, ବୀମା ବ୍ୟବସ୍ଥା, ବିଭିନ୍ନ ସହାୟତା ଆଦି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଷୟରେ ଆଲୋଚନା ହୋଇଥିଲା ।

***Ganjam/Sonepur/Nayagada/BHK***

## ଇଦ୍-ଉଲ୍-ଫିତର

ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଆଜି ପବିତ୍ର  ଇଦ୍-ଉଲ୍-ଫିତର ପାଳନ କରୁଛନ୍ତି । ଏକ ମାସ ଧରି ରୋଜା ଶେଷ ହେବା ପରେ ମୁସଲମାନ ଭାଇଭଉଣୀମାନେ ଆଜି ଇଦ୍ ପାଳନ କରୁଛନ୍ତି  । ମସଜିଦ୍ ଓ ଇଦ୍‌ଘା ପଡିଆରେ ସମୂହ ନମାଜ ପାଠ ଅନୁଷ୍ଠିତ ହେଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଇଦ୍ ଅବସରରେ ଶୁଭକାମନା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଏହି ପର୍ବ ଭାଇଚାରାର ଭାବନାକୁ ସୁଦୃଢ଼ କରିବା ସହ କରୁଣାଭାବ ଓ ଦାନର ପ୍ରବୃତ୍ତିକୁ ଆପଣାଇବାର ବାର୍ତ୍ତା ଦେଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଦ୍ ଉପଲକ୍ଷେ ଆଜି ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ କହିଛନ୍ତି, ଏହି ପର୍ବ ଆମ ସମାଜରେ ଆଶା, ସଦ୍‌ଭାବ, ଦୟାଳୁ ଭାବନାକୁ ବଢ଼ାଇଥାଏ ।

ଇଦ୍ ଉପଲକ୍ଷେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

ଜଣାଇଛନ୍ତି । ଶାନ୍ତି, ମୈତ୍ରୀ ଓ ଉଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବାକୁ ରାଜ୍ୟପାଳ ତାଙ୍କ ବାର୍ତ୍ତାରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

ଇଦ୍-ଇଲ୍-ଫିତର ପାଳନ ନେଇ ବିଭିନ୍ନ ଜିଲ୍ଲାରୁ ସମ୍ବାଦ ଆମର ହସ୍ତଗତ ହୋଇଛି। ଭଦ୍ରକ ଜିଲ୍ଲା ଧାମନଗର ସମେତ ୧୪୦ଟି ମସଜିଦ୍‌ରେ ଇଦ୍ ପର୍ବ ପାଳିତ ହେଉଛି। ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ନମାଜ ପାଠ, ସାମୂହିକ ପ୍ରାର୍ଥନା କରି ପରସ୍ପରଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ।

ନୟାଗଡ଼ ଜିଲ୍ଲାରେ ଆଜି ଇଦ୍ ଉପଲକ୍ଷେ ଜିଲ୍ଲାସ୍ତରୀୟ ଉତ୍ସବରେ ଭାଇଚାରା ଏବଂ ଶାନ୍ତିର ବାର୍ତ୍ତା ଦିଆଯାଇଥିଲା।

ସୁବର୍ଣ୍ଣପୁର ସହର ସମେତ ତରଭା, ବିନିକା, ବୀରମହାରାଜପୁର ଓ ନାରାୟଣପୁର ଆଦି ଅଞ୍ଚଳରେ ଥିବା ମୁସଲମାନ ସମ୍ପ୍ରଦାୟର ଲୋକମାନେ ଇଦ୍ ପାଳନ ସହିତ ମସଜିଦ୍ ଓ ମଜାରଗୁଡ଼ିକରେ ସମୂହ ନମାଜପାଠ କରିଛନ୍ତି। ଜିଲ୍ଲାର କେତେକ ସ୍ଥାନରେ ଇଦ୍ ବନ୍ଧୁ ମିଳନ ଆୟୋଜିତ ହେଉଛି ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର, ଆସିକା, ଭଞ୍ଜ ନଗର, ସୋରଡ଼ା, ଖଲ୍ଲିକୋଟ, ବୁଢ଼ାମ୍ବ, କୋଟି ନଡ଼ା ଓ ଆଠଗଡ଼ ଠାରେ ଆନନ୍ଦ ଉଲ୍ଲାସରେ ଇଦ-ଉଲ-ଫିତର ପାଳିତ ହେଉଛି । ମୁସଲମାନ ସମ୍ପ୍ରଦାୟର ଲୋକମାନେ ନମାଜ ପାଠ ପରେ ବିଶ୍ୱରେ ଶାନ୍ତି ମୈତ୍ରୀ ପାଇଁ ସମୂହ ପ୍ରାର୍ଥନା ଓ ଦୁଆ କରିଥିଲେ । ଆସିକା ଜାମିଆ ମସଜିଦର ଇମାମ ସାନାଓ୍ୱାଜ ହୁସେନ ଇସଲାମ ଧର୍ମ ଓ ପବିତ୍ର ମାସ ରାମଜାନ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ ।

***DHNKL***

## ସମବାୟ ବର୍ଷ

ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ସଶକ୍ତ ସମବାୟ, ସୁଦୃଢ଼ ସମାଜ, ସମୃଦ୍ଧ ଜୀବନ ସମାଜ ଗଠନ ନେଇ ଢେଙ୍କାନାଳଠାରେ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି । ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହୋଇଥିବା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ସମ୍ମାନିତ କରିଥିଲେ ।